## ୩ ସଟ୍ଟା ଏଜେଣ୍ଟ ଗିରଫ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ପୋଲିସ ପାଟ୍ରୋଲିଂ ବେଳେ ଗମ୍ଭାରିଗୁଡା ଛକ ନିକଟରୁ ୩ ଜଣ ସଟ୍ଟା ଏଜେଣ୍ଟଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଜୁନାଗଡ ଥାନା ଅଞ୍ଚଳର ମୋହନ ପୂଝାରୀ (୩୨), ଜଗନ୍ନାଥ ବାଗ (୨୨) ଓ ହିମାଂଶୁ ଲହଜଲ (୨୭)। ପୋଲିସ ସୂଚନା ଅନୁସାରେ, ରବିବାର ଅପରାହ୍ନରେ ପୋଲିସ ପାଟ୍ରୋଲିଂ ବେଳେ ଗମ୍ଭାରିଗୁଡା ଛକ ନିକଟରେ ସନ୍ଦେହ କରି ୩ ଜଣଙ୍କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେମାନଙ୍କଠାରୁ ୧୫ଟି ସଟ୍ଟା ଚିଟ୍, ୩ଟି ମୋବାଇଲ ଓ ନଗଦ ୧୬ ହଜାର ୩୦ ଟଙ୍କା ଏବଂ ଏକ କାର (ନଂ. ଓଡି୦୮ ଏଲ-୫୫୦୮) ଜବତ କରାଯାଇଥିଲା। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ.୨୮୩/୨୦) ରୁଜୁ ହୋଇଛି। ସୋମବାର ସେମାନଙ୍କୁ ୪୧ ନୋଟିସ ସର୍ଭ କରି ଛାଡିଦେଇଥିବା କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୱେସ୍କୋ ଘରୋଇକରଣକୁ କର୍ମଚାରୀଙ୍କ ବିରୋଧ

ଦେବଗଡ଼,୨୧।୧୨(ଡି.ଏନ୍.ଏ.): ୱେସ୍କୋ ଘରୋଇକରଣ ପ୍ରତ୍ୟାହାର ଦାବିରେ ଦେବଗଡ଼ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ବିଭାଗୀୟ ଜିଲା ମୁଖ୍ୟ କାର୍ଯ୍ୟାଳୟଠାରେ ଧାରଣା ଦେଇଥିଲେ। ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ, ହୀରା ଜିଇଡ଼ି କର୍ମଚାରୀ ସଂଘ, ୱେସ୍କୋ ଇଞ୍ଜିନିୟର୍ସ ସର୍ଭିସ୍ ଆସୋସିଏଶନ୍ ଏବଂ ଡିପ୍ଲୋମା ଇଞ୍ଜିନିୟର୍ସ୍ ସଂଘ ସଦସ୍ୟମାନେ ସରକାରଙ୍କ ୱେସ୍କୋ ଘରୋଇକରଣକୁ ଜନବିରୋଧୀ କାର୍ଯ୍ୟ ବୋଲି କହି ନିନ୍ଦା କରିଥିଲେ। ଏହି ମିଳିତ ମଞ୍ଚ ପକ୍ଷରୁ ହୋଇଥିବା ଧାରଣାରେ ୱେସ୍କୋ ଇଞ୍ଜିନିୟର୍ସ୍ ସର୍ଭିସ୍ ଆସୋସିଏଶନର ଇଂ.ସତ୍ୟବ୍ରତ ପଣ୍ଡା, ଡିପ୍ଲୋମା ଇଞ୍ଜିନିୟର୍ସ ସଂଘର ଆନନ୍ଦ କାଲୋ, ଅଭିଳାଷ ସ୍ୱାଇଁ, ଦୀପକ ବେହେରା, ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ଡିଭିଜନାଲ ସମ୍ପାଦକ ପ୍ରଦ୍ୟୁମ୍ନ ସାମଲ, ସବ୍ ଡିଭିଜନାଲ ସମ୍ପାଦକ ସୁରେଶ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ବ୍ରଜରାଜନଗର, ୨୧।୧୨(ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଗଣେଶ ନଗର ବାବାପଡ଼ାର ଜଣେ ବୃଦ୍ଧ ସୋମବାର ରଶିଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସମିଲ ତାଣ୍ଡି (୭୦)। ପୋଲିସର ପ୍ରାଥମିକ ତଦନ୍ତ, ପଡୋଶୀଙ୍କ କହିବା ଅନୁଯାୟୀ ସମିଲ କିଛି ଦିନ ହେବ ମାନସିକ ଚାପରେ ଥିଲେ। ପୁଅ ପ୍ରମୋଦ, ସ୍ତ୍ରୀ ସୁରୁବାଲି ସକାଳେ କାମକୁ ବାହାରି ଯାଇଥିବା ବେଳେ ହଠାତ୍ ବେକରେ ଲୁଙ୍ଗିବାନ୍ଧି ସେ ଝୁଲି ପଡିଥିଲେ। କିଛି ଦୂରରେ ଖେଳୁଥିବା ନାତିନାତୁଣୀ ଘରକୁ ଫେରିଲା ପରେ ସମିଲ ଘର ଭିତରେ ଝୁଲୁଥିବା ଦେଖି ପାଟି କରିଥିଲେ। ପୁଅ ପ୍ରମୋଦ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ପରେ ତାଙ୍କୁ ଗାଁ ଶ୍ମଶାନକୁ ସତ୍କାର ପାଇଁ ନିଆଯାଇଥିଲା। ଖବର ପାଇ ବ୍ରଜରାଜନଗର ଥାନା ପୋଲିସ ମୃତଦେହ ଜବତ କରି ଅଧିକ ଅନୁସନ୍ଧାନ କରୁଛି।

### ବାଞ୍ଜିପାଲି କ୍ରିକେଟ ଧମାକା: ବୁର୍ଡା ଚାମ୍ପିୟନ

ଲୋଇସିଂହା,୨୧।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଏକଦିବସୀୟ କ୍ରିକେଟ ଧମାକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବାଞ୍ଜିପାଲିକୁ ୫୮ ରନରେ ହରାଇ ବୁର୍ଡା ଚାମ୍ପିୟନ ହୋଇଛି। ୫ ଓଭର ବିଶିଷ୍ଟ ଫାଇନାଲ ଖେଳରେ ବୁର୍ଡା ପ୍ରଥମେ ବ୍ୟାଟିଂ କରି ୪ ଉଇକେଟରେ ୭୮ ରନ କରିଥିଲା। ଦଳର ସରୋଜ ବାରିକ ୧୭ ବଲରେ ୯ ଛକା, ଗୋଟିଏ ଚୌକା ବଲରେ ୬୪ ରନ କରିଥିଲେ। ୭୮ ରନ ବିଜୟ ଲକ୍ଷ୍ୟ ନେଇ ନିର୍ଦ୍ଧାରିତ ଓଭରରେ ବାଞ୍ଜିପାଲି ଦଳ ମାତ୍ର ୨୦ ରନ ସଂଗ୍ରହ କରି ପାରିଥିଲେ। ସମାଜିକ କର୍ମୀ ସୁଶାନ୍ତ ବାରିକ, ସୁଦୀପ ସା, ଭଗବାନ ନନ୍ଦ ଅତିଥି ଭାବେ ଯୋଦେଇଥିଲେ। ଚାମ୍ପିୟନ ବୁର୍ଡକୁ ୩ ହଜାର ଓ ରନର୍ସ ଅପ ବାଞ୍ଜିପାଲିକୁ ୨ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା।

### ଭାଜପାର ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜୁନାଗଡ, ୨୧।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର ଭାଜପା କାର୍ଯ୍ୟାଳୟରେ ସୋମବାର ସ୍ଥାନୀୟ ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଭାଜପା ନେତା ବେଦ ପ୍ରକାଶ ଗୋୟଲ, ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ଜିଲା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ, ଜୁନାଗଡ ନଗର ସଭାପତି ଶିବ ପ୍ରସାଦ ରାଉତ, ସତ୍ୟ ନାରାୟଣ ପଣ୍ଡା, କାଳିନ୍ଦ୍ରୀ ପାଣିଗ୍ରାହୀ, ଅନୀଲ କୁମାର ପଣ୍ଡା, କୁମ୍ଭଲେଶ୍ୱର ପାଣିଗ୍ରାହୀ, ଚିନ୍ମୟ ବେହେରା, ଲଳିତା ନାଏକ, ବିଜୟ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ୨ ଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ନରେନ୍ଦ୍ର ମୋଦିଙ୍କ ଶାସନ ସମୟରେ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ, ଯୋଜନା ଉପରେ ଆଲୋଚନା ହେବ। ଏହାସହ ଏହି ସବୁ ଯୋଜନା, କାର୍ଯ୍ୟଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କର୍ମୀଙ୍କୁ ଦିଗଦର୍ଶନ ଦିଆଯାଇଥିଲା।

# ପାନୀୟ ଜଳ ପାଇଁ ବାଲିଚୁଆ ଭରସା

**ଜଳକଷ୍ଟ ଭୋଗୁଛନ୍ତି ନୂଆପଡ଼ା ଗ୍ରାମବାସୀ**

କୋକସରା, ୨୧।୧୨ (ଡି.ଏନ.ଏ.)


ଜଣେ ମହିଳା ମୁଟୁରା ନଦୀର ବାଲିଚୁଆରୁ ପାଣି ସଂଗ୍ରହ କରୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ପଞ୍ଚାୟତ ନୂଆପଡା ଗାଁର ନଳକୂପ ପାଣି ବ୍ୟବହାର ଉପଯୋଗୀ ହେଉ ନ ଥିବାରୁ ଏବେ ଜଳକଷ୍ଟ ଭୋଗୁଛନ୍ତି ଗ୍ରାମବାସୀ। ଗାଁରେ ୫୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଜନସଂଖ୍ୟା ପ୍ରାୟ ୨ ଶହରୁ ଅଧିକ। ଏମାନଙ୍କ ପାଇଁ ୨ଟି ନଳକୂପ ରହିଛି। ସେହି ନଳକୂପ ପାଣି ପିଇବା ପାଇଁ ଉପଯୁକ୍ତ ହୋଇ ନ ଥିବା ଯୋଗୁ ଗାଁ ପାଖରେ ପ୍ରବାହିତ ମୁଟୁରା ନଦୀରୁ ମହିଳାମାନେ ପ୍ରତିଦିନ ସକାଳୁ ବାଲିଚୁଆ କରି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ନଦୀର ପାଣିକୁ ପାନୀୟ ଜଳ ଓ ଗାଧୋଇବା ସହ ନିତ୍ୟ ବ୍ୟବହାର ମଧ୍ୟ କରୁଛନ୍ତି ଗ୍ରାମବାସୀ। ଗାଁକୁ ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ସମୟରେ ବ୍ଲକ ପ୍ରଶାସନ ନିକଟରେ ଫେରାଦ ହୋଇଛନ୍ତି ଗ୍ରାମବାସୀ। ହେଲେ ଗ୍ରାମବାସୀଙ୍କ ଦାବିକୁ ବ୍ଲକ ପ୍ରଶାସନ ଉପେକ୍ଷିତ କରୁଥିବା କହିଛନ୍ତି। ଏବେ କୌଣସି ଉପାୟ ନ ପାଇ ନଦୀରେ ବାଲିଚୁଆ କରି ପାନୀୟ ଜଳ ସଂଗ୍ରହ କରି ପିଉଥିବା ନେଇ ଅଭିଯୋଗ କରିଛନ୍ତି ନୂଆପଡ଼ା ଗାଁର ୱାର୍ଡ଼ ମେମ୍ବର ଗୋଲବଦନ ନାଏକ, ପୀତାମ୍ବର ନାଏକ, ବୈକୁଣ୍ଠ ପାଣିଗ୍ରାହୀ, ହରଦୁ ନାଏକ, ତ୍ରିନାଥ ନାଗ, ପୁଷ୍ପାଞ୍ଜଳି ନାଏକ, ରୁକ୍ମଣୀ ପାଣିଗ୍ରାହୀ, ଜନେକ ନାଗ, ପ୍ରମିଳା ନାଗ ପ୍ରମୁଖ। ବର୍ଷା ଦିନରେ ନଦୀରେ ପାଣିର ମାତ୍ରା ଅଧିକ ଥିବା ଯୋଗୁ ପ୍ରାୟ ୨ କି.ମି. ଗଡରାମାଲକୁ ପାନୀୟ ଜଳ ପାଇଁ ନିର୍ଭର କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସଙ୍କୁ ପଚାରିବାରୁ ଗାଁରେ ଥିବା ଦୁଇ ନଳକୂପକୁ ସଫା କରିବା ସହ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରି ବସୁଧା ଯୋଜନାରେ ନୂଆପଡ଼ା ଗାଁକୁ ଆଗକୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଅପହରଣ ଅଭିଯୋଗ: ୩ ଯୁବକ ଗିରଫ, ଯୁବତୀ ଉଦ୍ଧାର

ତରବୋଡ, ୨୧।୧୨ (ଡି.ଏନ.ଏ.)

ନୂଆପଡା ଜିଲା ଜୋଙ୍କ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ କରିବା ଅଭିଯୋଗରେ ୩ ଯୁବକଙ୍କୁ ଗରିଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଜୋଙ୍କ ଥାନା ଖରିଆରୋଡ ସହରର ଧୋବୀପଡାର ପିୟୁଷ ମାଝି (୨୪), ରେଖରାଜ ରାଉତ (୧୯) ଓ ମୁଣ୍ଡାଗାଁର କୁନାଲ ନାଗ (୨୧)। ଉଦ୍ଧାର ଯୁବତୀଙ୍କୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗତ ୧୭ ତାରିଖରେ ଯୁବତୀଙ୍କୁ ଖରିଆରୋଡ ସହର ଧୋବୀପଡାର ପିୟୁଷ, ଲେଖରାଜ ଓ ମୁଣ୍ଡାଗାଁର କୁନାଲ ୨ଟି ବାଇକରେ ବସାଇ ଅପହରଣ କରିଥିଲେ। ଏ ନେଇ ଯୁବତୀଙ୍କ ପରିବାରବର୍ଗ ଜୋଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଜୋଙ୍କ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅପହୃତା ଯୁବତୀଙ୍କୁ ଉଦ୍ଧାର କରିବା ସହ ଅପହରଣ ଅଭିଯୋଗରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ଟି ବାଇକ ଜବତ କରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଅନିରୁଧ ମୁଦୁଲି ପ୍ରକାଶ କରିଛନ୍ତି।

# ଓପିଟିସିଏଲ୍ ଅଫିସ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା


ଧୋବାବାହାଲି ଗ୍ରାମବାସୀ ଓପିଟିସିଏଲ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି।

ସୋନପୁର,୨୧।୧୨(ନି.ପ୍ର.)

ସୋନପୁର ବ୍ଲକ ଧୋବାବାହାଲି ପ୍ରାଥମିକ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଓ ଗାଁ ପାଖ ଦେଇ ୧୩୨/୩୩କେଭି ଟାୱାର ଯାଇଛି। ପୁଣି ଏହି ଗାଁ ଦେଇ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଟାଣିବାକୁ ସରକାରଙ୍କ ଯୋଜନା ରହିଛି। ପ୍ରତିବାଦରେ ଗ୍ରାମବାସୀ ଗ୍ରୀଡ୍‌କୋସ୍ଥିତ ଓଡିଶା ପାୱାର ଟ୍ରାନ୍ସମିଶନ କୋର୍ପୋରେଶନ(ଓପିଟିସିଏଲ) ଅଫିସ ସମ୍ମୁଖରେ ସୋମବାର ଧାରଣା ଦେଇଥିଲେ। ଟାୱାରାକୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ପରିସରରୁ ଦୂରକୁ ସ୍ଥାନାନ୍ତର ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଛନ୍ତି। ଏବେ ଗାଁ ଲୋକଙ୍କ ବିନା ସହମତିରେ ପୁଣି ଏକ ତାର ଟାଣିବାକୁ ଯୋଜନା ଚାଲିଛି। ଗାଁଠାରୁ ଦୂରରେ ସରକାରୀ ଜମି ମଧ୍ୟ ଦେଇ ତାର ଟାଣିବା ପାଇଁ ଗ୍ରାମବାସୀ ଓପିଟିସିଏଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ତେବେ କର୍ତ୍ତୃପକ୍ଷ ଜବରଦସ୍ତ ପୋଲିସ ସହାୟତାରେ ତାର ଟାଣିବାକୁ ଉଦ୍ୟମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି। ଏହି ଧାରଣାରେ ବଳଦେବ ପ୍ରସାଦ ବେଦ୍‌ବାକ, ଗ୍ରାମର ମିଥୁନ କୁମାର ସାହୁ, ଯଦୁ ମହଲା, ଶଙ୍କର ବିଶି, ପ୍ରକାଶ ନାଏକ, ରାକେଶ ମହଲା ଓ ନକୁଳ ବିଶି ପ୍ରମୁଖ ସାମିଲ ହୋଇଥିଲେ।

# ଆଇନଶୃଙ୍ଖଳା ନେଇ ବିକ୍ଷୋଭ, ଧାରଣା

ସୋନପୁର,୨୧।୧୨(ନି.ପ୍ର.)


ସୁବର୍ଣ୍ଣପୁରରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଗଣଧାରଣା।

ରାଜ୍ୟରେ ମହିଳା ଓ ଶିଶୁ ଅସୁରକ୍ଷିତ। ପ୍ରତ୍ୟହ ଶିଶୁ ନିଖୋଜ ଭଳି ଘଟଣା ଘଟୁଛି। ଏହି ସମସ୍ୟାକୁ ନେଇ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ଜିଲାର କଂଗ୍ରେସ ନେତୃବୃନ୍ଦଙ୍କ ସମେତ ଯୁବ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ସାମିଲ ହୋଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ନବୀନ ସରକାରଙ୍କ ଉପରେ ବର୍ଷିଥିଲେ। ଓଡିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ବିଜୁ ଜନତା ଦଳର ଦୀର୍ଘବର୍ଷର ନିରଙ୍କୁଶ ଶାସନରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ନାରୀ ନିର୍ଯାତନା, ନାବାଳିକା ଅପହରଣ, ଶିଶୁ ନିଖୋଜ, ଯୌନ ନିର୍ଯାତନା, ବଳାତ୍କାର, ହତ୍ୟା ପରି ଅମାନବୀୟ ଓ ସମ୍ବେଦନଶୀଳ ଘଟଣାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଦଳ ଅଭିଯୋଗ କରିଛି। ରାଜ୍ୟର ନବୀନ ସରକାରର ବିଫଳତାକୁ ଦାୟୀ କରି ତୁରନ୍ତ ସରକାରକୁ ବରଖାସ୍ତ କରାଯିବାକୁ ଜିଲା କଂଗ୍ରେସ ସଭାପତି ଗୌରୀଶ୍ୟାମ ପଣ୍ଡା ଦାବି କରିଛନ୍ତି। ଏହି ଧାରଣା ଓ ବିକ୍ଷୋଭ ଆଗାମୀ ଦିନର ଦୁର୍ବାର ଆନ୍ଦୋଳନକୁ ଇନ୍ଧନ ଦେବା ସହ ଏକ ଅଥର୍ବ ସରକାର ପାଇଁ ଅନ୍ତିମ ସତର୍କ ଘଣ୍ଟି ବୋଲି ଚେତାବନୀ ଦେଇଛି ଦଳ। ଆନ୍ଦୋଳନରେ ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ମାଧବ କୁମ୍ଭାର, ଲବ ସାହୁ, ରାଜଗୋପାଳ ପାଣିଗ୍ରାହୀ, ରବୀନ୍ଦ୍ର ହୋତା, ମାଧବ କୁମ୍ଭାର, ରାଜେଶ ମିଶ୍ର, ନିମାଇଁ ପାଣିଗ୍ରାହୀ, ବରୁଣ ସୁନା ଓ ମହମ୍ମଦ ରମାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କାର୍ ଧକ୍କାରେ ବାଇକ ଚାଳକ ମୃତ

ବିନିକା,୨୧।୧୨(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା-ସୋନପୁର ମୁଖ୍ୟରାସ୍ତାର ଘୋଡାଧାର ଛକ ନିକଟରେ ସୋମବାର କାର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ରିଙ୍ଗାପଡା ଗ୍ରାମର ନୀଳମଣୀ ରଣା(୪୮)। ଅପରାହ୍ନରେ ନୀଳମଣି ବିନିକା ପଟୁ ସୋନପୁରକୁ ବାଇକ୍(ନଂ.ଓଡି-୩୮ଏଫ୍-୮୧୪୧)ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା କାର (ନଂ.ଓଆର୍-୧୪କେ-୫୭୫୬) ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ବାଇକ ଚାଳକ ଗୁରୁତର ହୋଇଥିଲେ। ମହାଦେବପାଲି ଫାଣ୍ଡି ପୋଲିସ ଓ ସୋନପୁର ଅଗ୍ନିଶମ କର୍ମଚାରୀ ଦୁର୍ଘଟଣାସ୍ଥଳରୁ ନୀଳମଣିଙ୍କୁ ଉଦ୍ଧାର କରି ସୋନପୁର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ତରବୋଡ, ୨୧।୧୨ (ଡି.ଏନ.ଏ.)

ନୂଆପଡା ଜିଲା ବେଲଟୁକୁରୀ ଥାନା ଆମୋଦି ଗାଁ ନିକଟରେ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭର ଜଣଙ୍କ ଆମୋଦି ଗାଁର ମନୋଜ ପଟେଲ (୨୨)। ରବିବାର ରାତିରେ ମନୋଜ ଟ୍ରାକ୍ଟରକୁ ତେଣ୍ଡାପଡାକୁ ନେଉଥିଲେ। ଆମୋଦି ଗାଁ ମୁଣ୍ଡରେ ଡ୍ରାଇଭର ଭାରସ୍ୟାମ ହରାଇବାରୁ ଟ୍ରାକ୍ଟର ଓଲଟି ପଡିଥିଲା। ଡ୍ରାଇଭର ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶବ ଜବତ କରି ବ୍ୟାବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଧିକ ତଦନ୍ତ ଚାଲିଥିବା ବେଲଟୁକୁରୀ ଥାନା ଆଇଆଇସି କ୍ଷିରୋଦ ବାଗ ପ୍ରକାଶ କରିଛନ୍ତି।

# ରଚନା ପକ୍ଷରୁ କାକର କଲ୍ଲୋଳ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୨୧।୧୨



ରଚନା ପକ୍ଷରୁ ଅନୁଷ୍ଠିତ କାକର କଲ୍ଲୋଳ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ପଥରଚେପା ପଞ୍ଚବଟୀଠାରେ ଅଗ୍ରଣୀ ସାହିତ୍ୟ, ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ରଚନା ପକ୍ଷରୁ ରବିବାର କାକର କଲ୍ଲୋଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରଚନା ସଭାପତି ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ସାହିତ୍ୟ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟା ଡାକ୍ତର ଜ୍ୟୋତିର୍ମୟୀ ସାହୁ ମୁଖ୍ୟଅତିଥି ଓ ଯୁବଗାଳ୍ପିକ କ୍ଷେତ୍ରବାସୀ ନାଏକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ପାଦକ ଭାଗୀରଥି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ଆଧୁନିକ ସାହିତ୍ୟର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କାକର କଲ୍ଲୋଳ କବିତା ଆସର କବି କୌତୁକ ପନ୍ଦର ଓ କବୟିତ୍ରୀ ଲିଲି ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି କବିତା ଆସରରେ କବି ଅନନ୍ତ ବିଶ୍ୱାଳ, ସିପୁନ ନାଏକ, ଶେଖର ରଥ, ଓମ୍ ପ୍ରଣବ ନାୟକ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ବ୍ରହ୍ମାନନ୍ଦ ବନଛୋର, ମଧୁସୂଦନ ନେଗୀ, ଗଣେଶ ବାରିକ, ଜ୍ୟୋତି ରଞ୍ଜନ ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ, ଅରୁଣ ମିଶ୍ର, ଜୟଦେବ କର, ପ୍ରହଲ୍ଲାଦ ଶତପଥୀ, ଭାଗୀରଥି ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଯୁଗ୍ମ ସମ୍ପାଦକ ଡ. ଲକ୍ଷ୍ମଣ ମେହେର ଧନ୍ୟବାଦ ଦେଇଥିଲେ।

# ମୁଗବିହନ ନ ପାଇ ଫେରିଲେ ସ୍ୱୟଂ ସହାୟକ ସଦସ୍ୟା


ବ୍ଲକ କୃଷି ପରାମର୍ଶ କେନ୍ଦ୍ରକୁ ମୁଗ ବିହନ ପାଇଁ ଆସିଥିବା ଏସ୍‌ଏସଚ୍‌ଜି ସଦସ୍ୟାମାନେ।

ଦେଓଗାଁ,୨୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡାକୁ ମୁଗଚାଷ ପାଇଁ ସ୍ଥାନୀୟ କୃଷିବିଭାଗ ତରଫରୁ ପାଇଲଟ ପ୍ରେଜେକ୍ଟଭାବେ ନିଆଯାଇଛି। ତେବେ ଉକ୍ତ ଗାଁର ଚାଷୀଙ୍କୁ ଚାଷ ପାଇଁ ମାଗଣାରେ ମୁଗ ବିହନ ବଣ୍ଟନ ପାଇଁ ବିଭାଗ ତରଫରୁ ସୂଚନା ଦିଆଯାଇଥିଲା। ଫଳରେ ସୋମବାର କୁହିମୁଣ୍ଡାର ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ଦେଓଗାଁ କୃଷି ପରାମର୍ଶ କେନ୍ଦ୍ରକୁ ବିହନ ନେବାପାଇଁ ପହଞ୍ଚିଥିଲେ। ହେଲେ ଗୋଟିଏ ହେକ୍ଟର ପାଇଁ ମୁଗ ବିହନ ଦେବା ବଦଳରେ କେବଳ ୪କେଜିର ଗୋଟିଏ ପ୍ୟାକେଟ ନେବାକୁ କୁହାଯାଇଥିଲା। ସରକାରୀ ନିର୍ଦ୍ଧାରିତ ଅନୁସାରେ ବିହନ ଦେବାକୁ ଏସ୍‌ଏଚ୍‌ଜି ସଦସ୍ୟାମାନେ ଅଡି ବସିଥିଲେ। ବ୍ଲକ କୃଷି ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ବିହନ ଦିଆଯିବ ବୋଲି ସୂଚନା ଦିଆଯିବାବାରୁ ବାଧହୋଇ ସେମାନେ ନିଜ ଘରକୁ ଫେରିଯାଇଥିବା ଏସ୍‌ଏଚ୍‌ଜି ସଦସ୍ୟାମାନେ ଅଭିଯୋଗ କରିଛନ୍ତି। କୃଷି ପରାମର୍ଶ କେନ୍ଦ୍ରର ଓଭରସିଓର ଅମୂଲ୍ୟ ବେହେରାଙ୍କୁ ଏ ନେଇ ପଚାରିବାରୁ କ୍ଷେତ୍ର ପରିଦର୍ଶନ କରି ଅଫିସ ଗଲେ ସରକାରୀ ନିର୍ଦ୍ଧାରିତ ଅନୁସାରେ ମୁଗ ବିହନ ପ୍ରଦାନ କରାଯିବ ବୋଲି କହିଥିଲେ।

# କୋସଲ ସମର୍ଥିତ ପ୍ରାର୍ଥୀଙ୍କୁ ଆକ୍ରମଣ ଘଟଣାର ନିନ୍ଦା

ବଲାଙ୍ଗୀର ଅଫିସ, ୨୧।୧୨

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ୨୬ନମ୍ବର ଜିଲା ପରିଷଦ ଜୋନ୍ ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା କୋସଲ ରାଜ୍ୟ ସମନ୍ୱୟ ସମିତି ସଦସ୍ୟ ଗୁଣନିଧି ବର୍ଗେ ଓ ସମିତି ସଦସ୍ୟ ବନମାଳୀ ନାଏକଙ୍କୁ ରବିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାକୁ କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ନିନ୍ଦା କରିଛନ୍ତି। ଏହି ଘଟଣାକୁ ନେଇ ରବିବାର ରାତିରୁ ଥାନାରେ ଏତଲା ଦିଆଯାଇଥିଲେ ସୁଦ୍ଧା ପୋଲିସ ବର୍ତ୍ତମାନ ଯାଏ କାହାକୁ ଗିରଫ କରିନାହିଁ। ମିଶ୍ର କହିଛନ୍ତି ଯେ, ଗୁଣନିଧି ବର୍ଗେ ଓ ବନମାଳୀ ନାଏକଙ୍କ ଉପରେ ଆକ୍ରମଣ ଶାସକ ଦଳର ହତାଶାର ପ୍ରତୀକ ଅଟେ। ବର୍ତ୍ତମାନର ଶାସକ ଦଳ ଉପକୂଳ ଓଡ଼ିଶାର ଏକ ଆଞ୍ଚଳିକ ଦଳ ହୋଇଥିବାରୁ ବିଭିନ୍ନ ସମୟରେ ଏହା କୋସଲ ଆନ୍ଦୋଳନକୁ କ୍ଷତି କଲା ଭଳି ପଦକ୍ଷେପ ନେଉଛି। ଅତୀତରେ ରାଜ୍ୟର ସବୁତକ ବିକାଶ ଉପକୂଳ ଓଡ଼ିଶାରେ କରିସାରିଲା ପରେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମର୍ଯ୍ୟାଦା ଦେଇ ଜବରଦସ୍ତି କୋସଲ ଉପରେ ଲଦି ଦେଇଛି। ତେଣୁ କୋସଲ ଆନ୍ଦୋଳନ ସମର୍ଥିତ ପ୍ରାର୍ଥୀଙ୍କ ଲୋକପ୍ରିୟତାରେ ଇର୍ଷାନ୍ୱିତ ହୋଇ ଉପକୂଳ ଓଡ଼ିଶା ଦ୍ୱାରା ପ୍ରାୟୋଜିତ ଶାସକ ଦଳର ଏଭଳି ଆକ୍ରମଣ ସେମାନଙ୍କ ଅପରାଧୀ ମନୋଭାବକୁ ପ୍ରତିଫଳିତ କରୁଛି। ସେମାନଙ୍କ ଏତାଦୃଶ ଆକ୍ରମଣକୁ କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଗଣତାନ୍ତ୍ରିକ ଭାବରେ ଉଚିତ୍ ଜବାବ୍ ଦିଆଯିବ ବୋଲି ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ମିଶ୍ର ଚେତାବନୀ ଦେଇଛନ୍ତି।

# ଏସ୍‌ପି ଅଫିସ୍ ସମ୍ମୁଖରେ ଗଣଧାରଣା

ଭବାନୀପାଟଣା/ତରବୋଡ, ୨୧।୧୨ (ଡି.ଏନ.ଏ.)



କଳାହାଣ୍ଡି ଜିଲା ଏସ୍‌ପି ଅଫିସ ସମ୍ମୁଖରେ କଂଗ୍ରେସର ଧାରଣା।

ରାଜ୍ୟରେ ଦିନକୁ ପ୍ରାୟ ୧୧ଜଣ ଶିଶୁ ନିଖୋଜ ହେଉଛନ୍ତି, ଯାହାକି ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ। ରାଜ୍ୟରେ ବର୍ଷକୁ ପ୍ରାୟ ୪୩୧୫ ଶିଶୁଙ୍କ ଅପହରଣ ଘଟଣା ସମ୍ପ୍ରତି ଅଭିଭାବକ, ପରିବାରବର୍ଗ ଓ ସଭ୍ୟସମାଜଙ୍କ ମଧ୍ୟରେ ଗଭୀର ଚିନ୍ତାର ବିଷୟ ହୋଇପଡିଛି। ରାଜ୍ୟରେ ପରୀ, ସ୍ୱାତୀ, ପିହୁ, ଆୟୁଷ ପରି ଶିଶୁ କନ୍ୟା ଓ ଶିଶୁପୁତ୍ରଙ୍କୁ ଅପହରଣ ଓ ସ୍ଥଳ ବିଶେଷରେ ହତ୍ୟା କରିବା ଘଟଣା ଅତ୍ୟନ୍ତ ବର୍ବରୋଚିତ। ଦୀର୍ଘ ୨୧ ବର୍ଷରୁ ଊର୍ଦ୍ଧ୍ୱ ଶାସନ କରୁଥିବା ବିଜେଡି ସରକାର ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ସୋମବାର ଏସପି ଅଫିସ୍ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା କରାଯାଇଛି। ଏଥିରେ ଦ୍ରୌପଦୀ ମାଝି, ମାଣୀକ୍ୟ ସୁନା, ଉଛବ ସାହୁ, ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ମିଡିଆସେଲ ସଂଯୋଜକ ମହମ୍ମଦ ଅଲ୍ଲୀ, ମହମ୍ମଦ ସାହେବ, ବ୍ରଜ ସାହୁ, ସୁରେଶ ପଟ୍ଟନାୟକ, ପରମାନନ୍ଦ ମାଝି, ଅବଦୁଲ ସାଜିଦ, ଦେବୀ ସିନ୍ଦୁର, ସିଦ୍ଧାର୍ଥ ନାୟକ, ରମାଦେବୀ ପାତ୍ର, ମାନ୍ଦା କିନି ବାଣୁଆ, ଯୋଗେଶ୍ୱରୀ ଧଙ୍ଗଡା ମାଝି, ମନୀଷା ବାରିକ, ପ୍ରମିଳା ଭତ୍ରା, ଯାଜ୍ଞସେନି ନାୟକ, କାଳିଆ ସରାଫ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ନୂଆପଡା ଜିଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲ। ଜିଲା ଯୁବ କଂଗ୍ରେସ କମିଟି ସଭାପତି କପିଳେନ୍ଦ୍ର ଭୋଇ, ବରିଷ୍ଠ କଂଗ୍ରେସ ନେତା ଦେବଦତ ଦିକ୍ଷୀତ, ପୂର୍ବତନ ଯୁବ କଂଗ୍ରେସ ସଧାରଣ ସମ୍ପାଦକ ଶାହରୁଖ ଖାନ, ମୋତି ରାୱାଳ, ହିରା ଧର ମେହେର, ଜୟଦେବ ମାଝି, ଆଶୋକ କୁମାର ଦଣ୍ଡସେନା, ଭିମ ଯାଦବ, ମୁନ୍ନାଲାଲ ଦେବାଙ୍ଗନ, ହରିମାଝିପ୍ରମୁଖ ଉପସ୍ଥିତ ଥିଲେ।

**ହକି ଟୁର୍ଣ୍ଣାମେଣ୍ଟ: ସିଙ୍ଗ ଇଜ କିଙ୍ଗ ରକ୍ସି ଦଳ ଚାମ୍ପିୟନ**

ଲହୁଣୀପଡ଼ା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସାନରକ୍ସିସ୍ଥିତ କୁଶଳ ତିର୍କୀ ମିନିଷ୍ଟାଡ଼ିୟମରେ ୮ଦିନ ଧରି ଚାଲିଥିବା ୨୪ ତମ ସହୀଦ ଅମୀୟ ଦାସ ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମ୍ୟାଚରେ ବରସୁଆଁ ଦଳକୁ ୫-୦ ଗୋଲରେ ପରାସ୍ତ କରି ସିଙ୍ଗ ଇଜ କିଙ୍ଗ ରକ୍ସି ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କମିଟିର ସଭାପତି ତଥା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅଗ୍ନିକାଣ୍ଡ

ଦେବଗଡ଼,୨୧।୧୨(ଡି.ଏନ୍.ଏ.): ସୋମବାର ମଧ୍ୟାହ୍ନରେ ଦେବଗଡସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅଗ୍ନିକାଣ୍ଡ ଘଟି ୩ଟି ଦରି ସହ ଶୁଖାଯାଇଥିବା ହରଡ, ଧଣିଚା ଓ ଛଣି ଆଦି ପୋଡ଼ି ନଷ୍ଟ ହୋଇଯାଇଛି। ହଠାତ୍ ନିଆଁ ଲାଗିବା ପରେ ଏହା ଚାରିଆଡକୁ ବ୍ୟାପିଯାଇଥିଲା ଦେବଗଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ।

### ଧାନ ବୋଝେଇ ଟ୍ରକ୍ ଅଟକ

ବରଗଡ଼ ଅଫିସ୍,୨୧।୧୨: ଭଦ୍ରକରୁ ଆସୁଥିବା ଏକ ଧାନ ବୋଝେଇ ଟ୍ରକ(ଏମଏଚ୦୮ବିଏ ୧୮୮୬) ସୋମବାର ବରଗଡ଼ରେ ଧରାପଡ଼ିଛି। ସ୍ଥାନୀୟ ଚାଷୀମାନେ ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକ ନିକଟରେ ଟ୍ରକକୁ ଧରିବା ପରେ ଯୋଗାଣ ବିଭାଗକୁ ଖବର ଦେଇଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗର ଏକ ସ୍କ୍ୱାଡ ସେଠାରେ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ସମ୍ପୃକ୍ତ ଧାନ ବୋଝେଇ ଟ୍ରକକୁ ସ୍ଥାନୀୟ ଏକ ରାଇସ୍ ମିଲ ମାଲିକଙ୍କ ଜିମା ଦିଆଯାଇଛି। ବରଗଡ଼ ଜିଲାର ଧାନ ବିକ୍ରି ସରି ନ ଥିବାବେଳେ ଭଦ୍ରକରୁ ଜିଲାକୁ ଧାନ ପ୍ରବେଶ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶଙ୍କୁ ପଚାରିବାରୁ ସୂଚନା ପାଇବା ପରେ ଘଟଣାସ୍ଥଳକୁ ସ୍କ୍ୱାଡ଼ ପଠାଯାଇଥିଲା ଏବଂ ଏହାର ଅଧିକ ତଦନ୍ତ ଚାଲିଛି ବୋଲି କହିଛନ୍ତି।

### ଜିଲା କାରାଗାର ପରିଦର୍ଶନ କଲେ ଜିଲାପାଳ, ଏସ୍‌ପି

ବଲାଙ୍ଗୀର ଅଫିସ, ୨୧।୧୨: ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ସନ୍ଦୀପ ମାଡକର ଓ ଜିଲା ଦୌରାଜଜ୍ ଶ୍ୟାମ୍ ସୁନ୍ଦର ଦାସ ସୋମବାର ଜିଲା କାରାଗାର ପରିଦର୍ଶନ କରିଥିଲେ। ଏହାକୁ ଅଫିସିଆଲ କ୍ୱାଟର୍‌ଲି ଭିଜିଟ୍ ବୋଲି ଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜ କହିଛନ୍ତି। ତେବେ କିଛିଦିନ ପୂର୍ବରୁ ଏହି ଜେଲରେ ବନ୍ଦୀ ଥିବା ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତଙ୍କ ସେଲ ଭିତର ଫଟୋ ଭାଇରାଲ ହୋଇଥିଲା। ଜେଲ ଭିତରେ ଧଳସାମନ୍ତଙ୍କୁ ଅଧିକ ସୁବିଧା ଯୋଗାଇବା ସହ ସେ ଅୟସ କରୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଷଣ ହୋଇଥିଲା।

### ଦେଶାନ୍ତର ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ, ୨୧।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦରଠାରେ ପ୍ରାଣୀ ଚିକିତ୍ସା ବିଭାଗ, ଲିଭୋଲିଙ୍ଗ, ବିକଳ୍ପ, ଜଳଛାୟା ପ୍ରକଳ୍ପର ମିଳିତ ଉଦ୍ୟମରେ ଦେଶାନ୍ତର ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକମାନଙ୍କୁ ବାହାରକୁ ନ ଯାଇ ଭିଟାମାଟିରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିବା ସହ ଗାଈ, ଛେଳି, କୁକୁଡା ଆଦି ପାଳନ କରି ରୋଜଗାର ବଢାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସୁଜିତ କୁମାର ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଭୋଲିଙ୍ଗର ବ୍ଲକ ସଂଯୋଜକ ଜ୍ଞାନରଞ୍ଜନ ବରାଳ, ଶ୍ରମିକ ମିତ୍ର ସ୍ମରଣୀକା ପଣ୍ଡା, ଯୋଗେନ୍ଦ୍ର ଦୀପ୍, ବିମ୍ବାଧର ରାଉତ, ପ୍ରାଣୀଧନ ନିରୀକ୍ଷକ ସୁଦାମ ବାରିକ ପ୍ରମୁଖ ଯୋଗଦେଇଥିଲେ।

### ବିଭିନ୍ନ ଦାବିନେଇ ଲୋକ ଉନ୍ନତି ସଂଗଠନ ବିଡିଓଙ୍କୁ ଫେରାଦ

ଦେଓଗାଁ,୨୧।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲୋକଉନ୍ନତି ସଂଗଠନ ବିଭିନ୍ନ ସମସ୍ୟାକୁ ନେଇ ସୋମବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ଲକ ଅଧୀନ ଗୌରଗୋଠ ପଞ୍ଚାୟତର କ ଓ ଗ କେନ୍ଦ୍ର ଅଙ୍ଗନୱାଡି କେନ୍ଦ୍ର କୋଠା ନିର୍ମାଣ, ଆଦର୍ଶ ଗୋରୁ ଗୁହାଳ ଓ ଛେଳି ଗୁହାଳ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ନିର୍ମାଣ ତ୍ୱରାନ୍ୱିତ କରିବା, ମୋ ଉପକାରୀ ବଗିଚାରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ପ୍ରାପ୍ୟ ପ୍ରଦାନ ଆଦି ଦିଗରେ ପଦକ୍ଷେପ ନେବା ପାଇଁ ବିଡିଓ ରୁଦ୍ର ପ୍ରସାଦ ସୁନାଙ୍କୁ ସଂଗଠନ ପକ୍ଷରୁ ଦାବି ଜଣାଯାଇଥିଲା। ପୀତାମ୍ବର ପୋଡ଼, ପୁରନ୍ଦର ଭୋଇ, ବାସନ୍ତୀ ଭୋଇ ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମାର୍ଚ୍ଚ ମାସରୁ କରୋନା କଟକଣା ପରେ ଲୋକଙ୍କ ଆର୍ଥିକ ଅବସ୍ଥା ଖରାପ ହୋଇଯାଇଛି। ବିଶେଷ କରି ଖଟିଖିଆ ଦିନ ମଜୁରିଆ, ଛୋଟ ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି।

# ମରାମତି ଅଭାବରୁ ଦୁର୍ଘଟଣା ଆଶଙ୍କା

- ସମ୍ବଲପୁର-ବରଗଡ ଜାତୀୟ ରାଜପଥ
- ଜଳୁନି ୩ କି.ମି.ର ଷ୍ଟ୍ରିଟ୍ ଲାଇଟ
- ସର୍ଭିସ ରାସ୍ତାରେ ଅବାଧ ପାର୍କିଂ

ସମ୍ବଲପୁର,୨୧।୧୨(ବ୍ୟୁରୋ)

ଜାତୀୟ ରାଜପଥ ୫୩ ସମ୍ବଲପୁର-ବରଗଡ ରାସ୍ତାର ପ୍ରାୟ ୬ କି.ମି ରାସ୍ତା ଶୋଚନୀୟ ହୋଇପଡିଛି। ଅଇଁଠାପାଲି ଛକରୁ ରେମେଡ ଛକ ପର୍ଯ୍ୟନ୍ତ ସର୍ଭିସ ରାସ୍ତା ଅବସ୍ଥା ବେହାଲ ହୋଇଛି। ଉଭୟ ପାର୍ଶ୍ୱ ସଭିସ ରୋଡ୍‌ରେ ଭାରିଯାନ ଗୁଡିକ ଅବାଧରେ ପାର୍କି କରୁଛନ୍ତି। ଫଳରେ ରାସ୍ତାରେ ଯାତାୟାତ ସମସ୍ୟା ହେଉଥିବା ସ୍ଥାନୀୟ ଲେକମାନେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଅଶୋକା ବିଲ୍ଡକନ ଏହି ରାସ୍ତା ନିର୍ମାଣ କରିବା ପରେ ବରାଗୁଡା ଠାରେ ଟୋଲ ପ୍ଲାଜା କରି ଟିକସ ଆଦାୟ କରୁଛି। ପ୍ରତିବର୍ଷ ଟିକସ ମଧ୍ୟ ବୃଦ୍ଧି କରାଯାଉଛି। ହେଲେ ରାସ୍ତା ମରାମତି ଦିଗରେ ଗୁରୁତ୍ୱ ଦିଆଯାଉନାହିଁ। ବିଭିନ୍ନ ସମୟରେ ଅଭିଯୋଗ ହେଲେ କର୍ତ୍ତୃପକ୍ଷ ମରାମତି କରିଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଭୁଲି ଯାଉଛନ୍ତି। ସର୍ଭିସ ରାସ୍ତାରେ ଦିନ ତମାମ ଟ୍ରକ, ବସ୍ ଓ ଅନ୍ୟ ଗାଡିକ ଛିଡା ହେଉଛି। ଗାଡି ଚାଳକମାନେ ଏହି ରାସ୍ତାକୁ ପାର୍କିଂ ସ୍ଥାନ ଭଳି ବ୍ୟବହାର କରୁଛନ୍ତି। ସ୍ଥାନୀୟ ପୋଲିସ ଓ ଟ୍ରାଫିକ ପୋଲିସ ମଧ୍ୟ ବେଆଇନ ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଜାତୀୟ ରାଜପଥରେ ଏଭଳି ଦୃଶ୍ୟକୁ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସର୍ଭିସ ରାସ୍ତାରେ ଚାରିଚକିଆ, ଦୁଇ ଚକିଆ ଗାଡି ଗୁଡିକ ନିୟମିତ ଯାତାୟାତ କରୁଛନ୍ତି। ଖାଲଖମା ହେବାରୁ ଯିବା ଆସିବାରେ ସମସ୍ୟା ହେଉଛି। ଅନେକ ସମୟରେ ଦୁର୍ଘଟଣା ଆଶଙ୍କା ରହୁଛି। ଅନ୍ୟପଟେ ରାସ୍ତାର ଅନେକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ଗୁଡିକ ଜଳୁନାହିଁ। ତେଣୁ ଷ୍ଟ୍ରିଟ ଲାଇଟ ଓ ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ତେବେ ଖୁବ୍ ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କମ୍ପାନୀର ଜଣେ ଅଧିକାରୀ କହିଛନ୍ତି।



ସମ୍ବଲପୁର-ବରଗଡ ଜାତୀୟ ରାଜପଥ ରାସ୍ତା ଶୋଚନୀୟ ହୋଇପଡିଛି।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ବିକ୍ଷୋଭ




ଏସ୍‌ପି ଅଫିସ ସମ୍ମୁଖରେ କଂଗ୍ରେସ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସମ୍ବଲପୁର,୨୧।୧୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଛି। ନାରୀ ନିର୍ଯାତନା, ଶିଶୁ ନିଖୋଜ, ଅପରାଧିକ କାର୍ଯ୍ୟ ବୃଦ୍ଧି ପାଉଥିବାବେଳେ ପୋଲିସ ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛି। ସୋମବାର କଂଗ୍ରେସ କର୍ମକର୍ତ୍ତା କେତେକ ଉଦାହରଣ ରଖି ସରକାରଙ୍କ ବିରୋଧରେ ବର୍ଷିଥିଲେ। ସେମାନେ କହିଥିଲେ, ଏସ୍‌ପି ଓ ଡିଆଇଜି ପଦ ଏବେ ମଧ୍ୟ ଖାଲି ପଡିଛି। ରାଜ୍ୟ ସରକାର ସମ୍ବଲପୁର ଜିଲାକୁ ଅଣଦେଖା କରୁଛନ୍ତି। ପରୀ ହତ୍ୟା ଘଟଣାରେ ଏସ୍‌ଆଇଟି ତଦନ୍ତ କରି ସରକାର ମୁଖ୍ୟ ଅଭିଯୁକ୍ତଙ୍କୁ ଘଷ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟରେ ୫ ହଜାରରୁ ଉର୍ଦ୍ଧ୍ୱ ଶିଶୁ ନିଖୋଜ ହୋଇଥିବା ଦର୍ଶାଇଥିଲେ। ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା। ମହିଳା କଂଗ୍ରେସ ଜିଲା ସଭାପତି ସୁତାପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ସସ୍ମିତା ଦେହୁରି, ପ୍ରଶାନ୍ତ ସାହୁ, ଅଶୋକ ସୋନି, ନିରଞ୍ଜନ ତ୍ରିପାଠୀ, ତ୍ରିଲୋଚନ ପୁରୋହିତ, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# କଟ୍‌ନୀ ଛଟ୍‌ନୀକୁ ନେଇ ଚାଷୀ ଅସନ୍ତୋଷ

ବଡ଼ଗାଁ, ୨୧।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ସରକାରଙ୍କ ପକ୍ଷରୁ ୭ଟି ଗ୍ରାମରେ ମଣ୍ଡି ବ୍ୟବସ୍ଥା କରାଯାଇଛି। ଧାନମଣ୍ଡିରେ ପ୍ରଥମ ଥର ପାଇଁ ୭ରୁ ୧୦ କେଜି ପର୍ଯ୍ୟନ୍ତ କଟନୀ କରାଯାଉ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ କେବେ ମଣ୍ଡିରେ ୩ କେଜିରୁ ଅଧିକ କଟନୀ କରାଯାଇ ନ ଥିଲା। ଚଳିତ ବର୍ଷ କେଉଁ କାରଣରୁ ଓ କାହାର ସ୍ୱାର୍ଥ ପାଇଁ ୧୦ କେଜି କଟନୀ କରାଯାଉଛି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏନେଇ ସାହାଜବାହାଲ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କଠାରେ ଲିଖିତ ଜଣାଇଥିବାବେଳେ ଶଙ୍କରାପୋଷ ଅଞ୍ଚଳର ଚାଷୀମାନେ ମଧ୍ୟ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

### ପୋଷଣ ଅଭିଯାନ, ଶିଶୁ ସୁରକ୍ଷା କମିଟି ଗଠନ

ବିନିକା,୨୧।୧୨(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ଶିଶୁ ସମନ୍ୱିତ ବିଭାଗ ପକ୍ଷର ପଞ୍ଚାୟତସ୍ତରୀୟ ପୋଷଣ ଅଭିଯାନ କାର୍ଯ୍ୟକ୍ରମ ଯୁଦ୍ଧକାଳୀନଭିତ୍ତିରେ କରାଯାଉଛି। ବାବୁପାଲି ପଞ୍ଚାୟତ ରାଜୀବ ଭବନଠାରେ ସୋମବାର ବାବୁପାଲି ବାଙ୍କିଘିର୍ଡି ପଞ୍ଚାୟତରେ ଆଇସିଡିଏସ୍ ସୁପରଭାଇଜର ସବିତାରାଣୀ ହାତୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବାବୁପାଲି ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର, ପିଇଓ ନିମାଇଁ ଚରଣ ନାୟକ, ବାବୁପାଲି ନୋଡାଲ ୟୁପି ସ୍କୁଲ ପ୍ରଧାନଶିକ୍ଷକ ବ୍ରଜମୋହନ ବଡପଣ୍ଡା ଉପସ୍ଥିତ ଥିଲେ। ଉଭୟ ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀଙ୍କୁ ପୋଷଣ କାର୍ଯ୍ୟକ୍ରମର ସୁଫଳ ରୂପାୟନ କିପରି କରିବେ ସେ ନେଇ ପରାମର୍ଶ ଦିଆଯାଇଥିଲା। ଏଥିସହିତ ୧୮ବର୍ଷରୁ କମ୍ ବୟସ୍କ ଝିଅଙ୍କୁ ବିବାହ ନିଷେଧ ଏବଂ ଶିଶୁ ଶ୍ରମିକ ହଟାଇବା ନେଇ ଶିଶୁ ସୁରକ୍ଷା କମିଟି ଗଠନ ହୋଇଥିଲା।

# କଂଗ୍ରେସର ଗଣଧାରଣା, ଭାଜପାର ଶୋଭାଯାତ୍ରା

ସୁନ୍ଦରଗଡ, ୨୧।୧୨ (ଡି.ଏନ.ଏ)

**ପରୀ ହତ୍ୟାକାଣ୍ଡ, ଶିଶୁ ଅପହରଣ ଓ ବଳାତ୍କାର ପ୍ରତିବାଦ**

ପରୀ ହତାକାଣ୍ଡ, ଶିଶୁ ଅପହରଣ, ବଳାତ୍କାର, ହତ୍ୟା ଘଟଣାର ପ୍ରତିବାଦରେ ସୋମବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକଠାରେ ଗଣଧାରଣା ଓ ଭାଜପା ପକ୍ଷରୁ ସିବିଆଇ ତଦନ୍ତ ଓ ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବିରେ ସୁନ୍ଦରଗଡ ସହରରେ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ତଥା ଜିଲା ଭାଜପା ସଭାପତି ଭବାନୀଶଙ୍କର ଭୋଇଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଦଳୀୟ କର୍ମୀ ନାରୀ କଲ୍ୟାଣ କେନ୍ଦ୍ରଠାରୁ ଏକ ପଦଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଡିଆରଡିଏ ଛକ, ହସ୍ପିଟାଲ ଛକ ଦେଇ ଶଙ୍କରା ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଏହି ପଦଯାତ୍ରାରେ ଭାଜପା ନେତ୍ରୀ ଲତିକା ପଟ୍ଟନାୟକ, କାନନବାଳା ବେହେରା, ଆରତି ପଟେଲ, ଅନୁପମା ଟପ୍ପୋ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଅସୀମ ପଟେଲ, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ, ଆଶୀଷ ପଟେଲ, ସୀମେଶ୍ୱର ଲରିଆ, ସାଗର ସାହୁ, ସଞ୍ଜିବ ସିଂ, ରାଜା କାକ, ପରୀକ୍ଷିତ ସାହୁ, ସୋହନ ହୋତା ପ୍ରମୁଖ ଦଳୀୟ କର୍ମୀ ସାମିଲ ଥିଲେ। ସେହିପରି ଜିଲା କଂଗ୍ରେସ କମିଟି ସଭାପତି ବେଣୁଧର ତ୍ରିପାଠୀଙ୍କ ନେତୃତ୍ୱରେ ଡିଆରଡିଏ ଛକଠାରେ ଅନୁଷ୍ଠିତ ଗଣଧାରଣାରେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, କାଳୀପଦ ସାମଲ, ପର୍ଶୁରାମ ସରାଫ,ସରୋଜ ପୁରୋହିତ, ଶୁଭାଶୀଷ ବାନାର୍ଜୀ, ଅରୁଣ ପୃଷ୍ଟେଠ, ଦେବାଶୀଷ ଦାଶ, ରମଣୀ ରଞ୍ଜନ ଯୋଶୀ, ପ୍ରଣବ ସିଂ, ଗୁନୁ ସରାଫ, ମହିଳା କଂଗ୍ରେସ ସମ୍ପାଦିକା ବିନିତା ନାଏକ, ସରୋଜିନୀ ବାଙ୍କରା, ଭୁଲକୀ ସେଠ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ରାଉରକେଲା ମଜଦୁର ସଭାର ସ୍ମାରକପତ୍ର

ରାଉରକେଲା ଅଫିସ, ୨୧।୧୨

ରାଉରକେଲା ମଜଦୁର ସଭା (ଆର୍‌ଏମ୍‌ଏସ୍)ର ବରସୁଆ ଲୌହଖଣି ଶାଖା ତରଫରୁ ଖଣି ଶ୍ରମିକ କର୍ମଚାରୀଙ୍କୁ ଅଧିକ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ 'ସେଲ'ର ବାଣିଜ୍ୟିକ ନିର୍ଦ୍ଦେଶିକା ସୋମା ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର ସୋମା ମଣ୍ଡଳଙ୍କ ବରସୁଆ ଓ ତାଲଡିହି ଲୌହଖଣି ପରିଦର୍ଶନ କରିବା ଅବସରରେ ୟୁନିୟନର ବରସୁଆ ଲୌହଖଣିର ଭାରପ୍ରାପ୍ତ ସମ୍ପାଦକ ରାଜେଶ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶ୍ରୀମତୀ ମଣ୍ଡଳଙ୍କୁ ସାକ୍ଷାତ କରି ବରସୁଆ ଓ ତାଲଡିହି ଲୌହଖଣିକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଖଣି ଶ୍ରମିକ କର୍ମଚାରୀଙ୍କ ଯାବତୀୟ ସମସ୍ୟା ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଖ୍ୟ ଦାବିଗୁଡିକ ହେଲା, ବରସୁଆ ଓ ତାଲଡିହି ଖଣିରେ ଉତ୍ପାଦନ ଲକ୍ଷ୍ୟରେ ୧୧୦%ରୁ ଉର୍ଦ୍ଧ୍ୱ ଉତ୍ପାଦନ କରୁଥିବା ଖଣି ଶ୍ରମିକ କର୍ମଚାରୀଙ୍କ ମାସିକ ଇନସେଣ୍ଟିଭ ବୋନସ ରାଶି ବୃଦ୍ଧି ନେଇ ପ୍ରଚଳିତ ସ୍କିମର ପରିବର୍ତ୍ତନ କରିବା, ତାଲଡିହି ଖଣି ଓ ବରସୁଆ ଖଣି ଶାଖାର କର୍ମଚାରୀ ଉତ୍ପାଦନ ନେଇ ପ୍ରତ୍ୟକ୍ଷ ଭାଗିଦାରୀତା ପାଇଁ ଏହାର ଶ୍ରେୟ ବରସୁଆ ଖଣି ଶାଖାର କର୍ମଚାରୀଙ୍କୁ ନେବା, ଡ଼ାଏଲିଂ ଡ୍ୟାମ ପାର୍ଶରେ ଥିବା ଲୌହ ପଥର ଗୁଣ୍ଡର ବିକ୍ରୀରେ ଶ୍ରମିକ କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଓ କୋଭିଡ ସଂକ୍ରମିତ ଶ୍ରମିକ କର୍ମଚାରୀଙ୍କ କ୍ଷେତ୍ରରେ ଗୃହ ସଙ୍ଗରୋଧରେ ରହିବା ନେଇ ପୂର୍ଣ୍ଣ(୧୦୦%) ଛୁଟି ମଞ୍ଜୁରୀ ଓ ଅନ୍ୟାନ୍ୟ। ମଣ୍ଡଳଙ୍କ ସହ ସାକ୍ଷାତ ଆଲୋଚନାରେ ୟୁନିୟନର ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଉପସଭାପତି ପିତବାସ ସେଠୀ, ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ନନୀଗୋପାଳ ପ୍ରଧାନ ଓ ଶେଖ ସିରାଜୁଦ୍ଦିନ ଅଂଶ ଗ୍ରହଣ କରିଥିବା ସ୍ଥଳେ ସେଲର ଅନ୍ୟ ବରିଷ୍ଠ ଅଧିକାରୀ ଏଚ.ଏନ, ରାୟ, ଆର, ମୁନିରାଜୁ, ଅଶୋକ କୁମାର କୁଣ୍ଡୁ, ବରସୁଆ ଲୌହଖଣିର ମୁଖ୍ୟ ମହା ପ୍ରବନ୍ଧକ ପି.କେ.ରଥ, ପିଏଣ୍ଡର ମୁଖ୍ୟ ଜେ.ପ. ମିଶ୍ର ଓ ଏନ. କୁମାର ଉପସ୍ଥିତ ଥିଲେ। ପରିଦର୍ଶନ ଅବସରରେ ଶ୍ରୀମତୀ ମଣ୍ଡଳ ବରସୁଆ ଲୌହଖଣିରେ ନୂତନ ଭାବରେ ଜିପିଙ୍କ ପ୍ଲାଣ୍ଟର କାର୍ଯ୍ୟାରମ୍ଭ କରିଥିଲେ। ଶ୍ରମିକ କର୍ମଚାରୀଙ୍କ ସମସ୍ୟା ସମାଧାନ ନେଇ ମଣ୍ଡଳ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ୟୁନିୟନର କର୍ମକର୍ତ୍ତାଙ୍କୁ ଆଶ୍ୱାସନା ଦେଇଥିଲେ।



ଆର୍‌ଏମ୍‌ଏସ୍ ସମ୍ପାଦକ 'ସେଲ'ର ବାଣିଜ୍ୟିକ ନିର୍ଦ୍ଦେଶିକା ସୋମା ମଣ୍ଡଳଙ୍କୁ ସ୍ମାରକପତ୍ର ଦେଉଛନ୍ତି।

**ଖଣି ଶ୍ରମିକ କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ ଦାବି**

### ରାଷ୍ଟ୍ରୀୟ ବୌଦ୍ଧ ମହାସଭାର ସ୍ମାରକପତ୍ର

ସମ୍ବଲପୁର,୨୧।୧୨(ବ୍ୟୁରୋ)

କେନ୍ଦ୍ର କୃଷି ଆଇନ କଳା ଆଇନ। ଏହା ଚାଷୀ ଓ ଚାଷକୁ ପ୍ରଭାବିତ କରିବ। ତେଣୁ କୃଷି ଆଇନ-୨୦୨୦କୁ ପ୍ରତ୍ୟାହାର କରି ସ୍ୱାମୀନାଥନ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରାଯାଉ। ଏହି ଦାବି ନେଇ ସୋମବାର ରାଷ୍ଟ୍ରୀୟ ବୌଦ୍ଧ ମହାସଭା ସମ୍ବଲପୁର ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ସ୍ମାରକ ପତ୍ର ଗ୍ରହଣ କରିଥିଲେ। ପ୍ରତିନିଧି ଦଳରେ ରାଜ୍ୟ ସଂଯୋଜକ ଏମ୍.ଆର. ପ୍ରଶାନ୍ତ, ମଣ୍ଡଳ ସଭାପତି ମହେଶ୍ୱର ଷଣ୍ଢ, ଜିଲା ସଭାପତି ରାଜୁ ମାଝି, କୈଳାସ ଲୁହା, ଗୋବିନ୍ଦ ଦୀପ, ଅନିଲ ନାଏକ ସାମିଲ ଥିଲେ।

# ଏସ୍‌ପି ଅଫିସ ଆଗରେ କଂଗ୍ରେସର ଧାରଣା

ବରଗଡ଼ ଅଫିସ୍,୨୧।୧୨

ରାଜ୍ୟରେ ନାବାଳିକା ଅପହରଣ, ବଳାତ୍କାର, ହତ୍ୟା ଭଳି ଅପରାଧ ବୃଦ୍ଧିକୁ ନେଇ ବରଗଡ଼ ଜିଲା କଂଗ୍ରେସ ଉଦ୍‌ବେଗ ପ୍ରକାଶ ପାଇଛି। ଅପରାଧ ନିୟନ୍ତ୍ରଣରେ ଏହା ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲା କଂଗ୍ରେସ ପକ୍ଷରୁ ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ (ଏସ୍‌ପି ଅଫିସ୍) ଆଗରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ଯୁଗଳ ପ୍ରସାଦ ସିଂ, ପ୍ରଦୀପ ଦେବତା, ନିପନ କୁମାର ଦାଶ, ବ୍ରହ୍ମା ମହାକୁଡ଼, ପାଣ୍ଡବ କର୍ଣ୍ଣଙ୍କ ସମେତ ଶତାଧିକ ମହିଳା ଓ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବୌଦ୍ଧ, ୨୦।୧୨ (ସ୍ୱ.ପ୍ର.)

ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଖରାପ ହୋଇପଡ଼ି ଥିବାବେଳେ ରାଜ୍ୟ ସରକାର ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ଦାବିରେ ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ରାଜ୍ୟ ସରକାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଧାରଣାରେ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ କଂଗ୍ରେସ ନେତା ଡ. ହମିଦ ହୁସେନ ଯୋଗଦେଇ ରାଜ୍ୟ ସରକାର ସାଧାରଣ ଲୋକଙ୍କ ଆସ୍ଥା ହରାଇଥିବା ଅଭିଯୋଗ କରିଛନ୍ତି। ଏହି ଅବସରରେ ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଥିଲା। କନ୍ଧମାଳ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ସାହୁ, ସୁଧିର କୁମାର କର୍ଣ୍ଣ, ପଙ୍କଜ କର୍ଣ୍ଣ, ଉଦ୍ଧବ ବେହେରା, ଶଙ୍କର ରାଓ, ସେବା ଦଳ ସଭାପତି କନିଷ୍ଠ ରାଜହଂସ, ଛାତ୍ର କଂଗ୍ରେସ ସଭାପତି ବିକ୍ରମ ପ୍ରଧାନ, ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ସତ୍ୟଭାମା ମେହେର, ରଘୁନାଥ ପଲିଆ, ଗୌରି ଶତପଥୀ, ତାରେଣି ଜେନା, ଜାମିନି ମୁଖୀ ଓ ସମରେଶ ମିଶ୍ର ପ୍ରମୁଖ ସାମିଲ ଥିଲେ।

# ମାମଲା ରୁଜୁକରି ଚୁପ୍ ବସିଛି ପୋଲିସ

ସମ୍ବଲପୁର,୨୧।୧୨(ବ୍ୟୁରୋ)

**ପିତ୍ତକୋଷ କାଟିଦେବା ଘଟଣା**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଏସ୍‌ଆର୍‌ଆଇଟି କଲୋନୀର ଏକ ଘରୋଇ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅପରେଶନ ଯୋଗୁ ସୁମତି ବର୍ଗଡ଼ିଙ୍କ ମୃତ୍ୟୁ ଘଟିଥିଲା। ଷ୍ଟୋନ୍ ଅପରେଶନ ସମୟରେ ପିତକୋଷ କାଟିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ଦାୟୀ କରି ଅଭିଯୋଗ ହୋଇଥିଲା। ହେଲେ ଘଟଣାକୁ ୪ମାସ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। କେବଳ ଏକ ମାମଲା ରୁଜୁ କରି ଚୁପ ବସିଛି ବୋଲି ମୃତା ସୁମତିଙ୍କ ଭାଇ ସୁଶାନ୍ତ କୁଅଁର ସୋମବାର ପୁଣି ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଏପ୍ରିଲ ୨୫ ତାରିଖରେ ସୁମତିଙ୍କ ଏକ ଘରୋଇ ନର୍ସିଂହୋମରେ ଅପରେଶନ ହୋଇଥିଲା। ୨୭ରେ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଥିଲେ। ମେ ୨ରେ ପେଟବ୍ୟଥା ହେବାରୁ ପୁଣି ନର୍ସିଂହୋମକୁ ଯାଇଥିଲୁ। ହେଲେ ସେଠାରେ ପେନ୍‌କିଲର ଇଞ୍ଜେକଶନ ଦେଇ ଆମକୁ ଘରକୁ ଯିବାକୁ କହିଥିଲେ। ସ୍ଥାନୀୟ ଆଉ ଏକ ଘରୋଇ ନର୍ସିଂହୋମରେ ଦେଖାଇବା ପରେ ସେମାନେ ଭୁବନେଶ୍ୱର ନେବାକୁ ପରାମର୍ଶ ଦେଇଥିଲେ। ମେ ଶେଷ ସପ୍ତାହରୁ ଜୁନ ପର୍ଯ୍ୟନ୍ତ ଚିକିତ୍ସିତ ହୋଇଥିଲେ। ହେଲେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି, ଅଭିଯୋଗକୁ ଭିତ୍ତି କରି ସେପ୍ଟେମ୍ବରରେ ୪୪୩/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ଡାକ୍ତରଙ୍କ ଅବହେଳା ଦର୍ଶାଯାଇ ମାମଲା ରୁଜୁ ହୋଇଛି। ନିୟମ ଅନୁସାରେ ମେଡିକାଲ ବୋର୍ଡରେ ମାମଲା ରହିଛି। ବୋର୍ଡ ବୈଠକ ନିଷ୍ପତ୍ତି ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅଣଜଳସେଚିତ ଜମିରେ ଜଳସେଚନ କିସମ ମୂଲ୍ୟ ନିର୍ଦ୍ଧାରଣ

ବରଗଡ଼ ଅଫିସ୍,୨୧।୧୨

**ରେଳପଥ ଦୋହରୀକରଣ ପାଇଁ ଜମି ଅଧିଗ୍ରହଣ**

ରେଳପଥ ଦୋହରୀକରଣ ପାଇଁ ହୋଇଥିବା ଜମି ଅଧିଗ୍ରହଣରେ ତ୍ରୁଟି ଯୋଗୁ ଜମି ହରାଇଥିବା ଚାଷୀମାନେ ଆବଶ୍ୟକ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅଧିଗୃହୀତ ଜମି ଅଣଜଳସେଚିତ ହୋଇଥିବାବେଳେ କିସମ ଠିକ୍ ଭାବେ ଚିହ୍ନଟ କରା ନ ଯାଇ ତାକୁ ଜଳସେଚିତ ଭାବେ ଦର୍ଶାଯାଇଛି। ବରଗଡ଼ ତହସିଲ ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମର ପ୍ରାୟ ୧୦ଜଣ ଚାଷୀଙ୍କ କ୍ଷେତ୍ରରେ ଏହି ସମସ୍ୟା ହୋଇଛି। ଏଭଳି ଅଭିଯୋଗ ନେଇ ବିହିତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଚାଷୀମାନେ ସୋମବାର ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ପ୍ରକାଶ ଯେ, ରେଳପଥ ଦୋହରୀକରଣ ପାଇଁ ଜମୁର୍ଡ଼ା ଗ୍ରାମର ସତ୍ୟାନନ୍ଦ ଭୋଇ, କୀର୍ତ୍ତନ ଭୋଇ, ସୁଦାମ ଭୋଇ, ଖଗେଶ୍ୱର ଭୋଇ, ଡୋଲାମଣି ଭୋଇ, ଯଦୁନନ୍ଦନ ପଣ୍ଡା, ସୁଧିର ପ୍ରଧାନ, ଗୌତମ ବର୍ଗର୍ତ୍ତୀ ପ୍ରମୁଖଙ୍କ ଜମି ଅଧିଗୃହୀତ ହୋଇଛି। ରେଳପଥର ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଜମିର କିସମ ଉଲ୍ଲେଖ କରି ନ ଥିବାରୁ ସେମାନେ ଆବଶ୍ୟକ କ୍ଷତିପୂରଣ ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ଅଧିଗୃହୀତ ଜମିସବୁ ଅଣଜଳସେଚିତ (ଆଁଟ) ଅଟେ। ମାତ୍ର ଜମି ଅଧିଗ୍ରହଣ ସମୟରେ ଜମିର କିସମକୁ ଉଲ୍ଲେଖ କରାଯାଇନାହିଁ ଏବଂ ସେହି ଜମିକୁ ଜଳସେଚିତ ହାରରେ ଡେସିମିଲ ପ୍ରତି ୨୬ହଜାର ୫୪୭ ଟଙ୍କା ଲେଖାଏଁ ମିଳିଥିବା ଚାଷୀମାନେ କହିଛନ୍ତି। ତେବେ ସେହି ଜମିସବୁ ଅଣଜଳସେଚିତ ହୋଇଥିବାରୁ ଅଣଜଳସେଚିତ ଜମି ହାରରେ କ୍ଷତିପୂରଣ ପ୍ରଦାନ କଲେ ସେମାନଙ୍କୁ ଆହୁରି ଅଧିକ କ୍ଷତିପୂରଣ ମିଳିବ ବୋଲି ଚାଷୀମାନେ କହିଛନ୍ତି। ଫଳରେ ଅଧିଗୃହୀତ ହୋଇଥିବା ଜମିର କିସମକୁ ଠିକ୍ ଭାବେ ଚିହ୍ନଟ କରି ଅଣଜଳସେଚିତ କିସମ ଜମି ଭାବେ ମୂଲ୍ୟ ନିର୍ଦ୍ଧାରଣ କରି କ୍ଷତିପୂରଣ ପ୍ରଦାନ କରିବାକୁ କୀର୍ତ୍ତନ ଭୋଇ, ସତ୍ୟାନନ୍ଦ ଭୋଇ, ସୁଦାମ ଭୋଇ, ଖଗେଶ୍ୱର ଭୋଇ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।




ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ।

